# ଜୟଗୁରୁ

## ନୀଳାଚଳ ସାରସ୍ୱତ ସଂଘ, ପୁରୀ

## ଶାଖା – ଆମେରିକା ସାରସ୍ୱତ ସଂଘ

ଜନ୍ମୋତ୍ସବ ବିଶେଷ ଅଧିବେଶନର କାର୍ଯ୍ୟସୂଚୀ

ତାରିଖ - ୦୮-୨୮-୦୭ **ସମୟ** - ସଂଧ୍ୟା ୮:୪୫-୧୦:୨୦ (ET) ପାଳିଆ - ପ୍ରଭାକର ଭାଇ

Phone Number – (218) 936-1600, Access Code – 52924878, Backup Number – (218) 936-1200

| **Time (ET)** | **ସନ୍ଧ୍ୟା ଅଧିବେଶନ (ସନ୍ଧ୍ୟା ୮:୪୫ ରୁ ୧୦:୨୦)** | **Evening session (8:45pm - 10:20pm)** |
|---|---|---|
| 8:45 – 8:53 | ପ୍ରତୀକ୍ଷା - ଗଙ୍ଗଶିଉଳି ମୁଁ ଅନାଇ ରହିଛି ବୃନ୍ଦାବନ ଭାଇ | Pratiksha – Ganga Siuli mun Brundaban Bhai |
| 8:53 – 9:00 | ପ୍ରତୀକ୍ଷା - ଝୁଲଣ ପୂର୍ଣ୍ଣିମା ଦିନ ଗୋ ଜ୍ଞାନ ଭାଇ | Pratiksha – Jhulana Purnima Gyan bhai |
| 9:00 – 9:15 | ଆରତି ପ୍ରଭାକର ଭାଇ | Aarati Prabhakar Bhai |
| 9:15 – 9:25 | ବନ୍ଦନା - ଗୁରୁ ନାରାୟଣ କରି ନିବେଦନ ବୃନ୍ଦାବନ ଭାଇ | Bandana - Guru Narayana Brundaban Bhai |
| 9:25 – 9:35 | ସ୍ତୋତ୍ର ବନ୍ଦନା | Strotra Bandana |
| 9:35 – 10:20 | ବନ୍ଦନା - ହେ ନିଗମାନନ୍ଦ ମୋର ଲିନା ମା’ | Bandana – He Nigamananda Mora Leena Maa |
| | ନିଗମ ଉପଦେଶ ପ୍ରମୋଦ ଭାଇ (ନବବର୍ଷର ଆଶୀର୍ବାଦ) | Nigama Upadesha Pramod Bhai (Naba Barshara Aasirbada) |
| | ଶ୍ରୀ ଶ୍ରୀ ଠାକୁରଙ୍କ ଜୀବନୀର ବିଶେଶତ୍ୱ ପ୍ରମୋଦ ଭାଇ | The Importance of life history of Shri Shri Thakura Pramod Bhai |
| | ସଙ୍ଗୀତ-ଅଭୟ ବାଣୀ ଜ୍ଞାନ ଭାଇ | Song – Abhaya Bani Gyan Bhai |
| | ଭାବ ବିନିମୟ ପ୍ରଭାକର ଭାଇ | Bhaaba Binimaya Prabhakar Bhai |
| | ଆସନ୍ତା ସଂଘପୂଜା ପାଇଁ ନିମନ୍ତ୍ରଣ ରଶ୍ମି ଭାଇ (୯-୨-୦୭) | Invitation for the next puja Rashmi Bhai (9-2-07) |
| | ତ୍ରୁଟି ବିଚ୍ୟୁତି ପାଇଁ କ୍ଷମା ପ୍ରାର୍ଥନା ପ୍ରଭାକର ଭାଇ | Truti Bichyuti Prabhakar Bhai |
| | ବିଦାୟ ପ୍ରାର୍ଥନା - ମିଛେ ମିଛେ ଘୁରି ସ୍ମିତା ବାଇ ମା’ | Song - Michhe Michhe Ghuri Smita Bai Maa |
| | ଜୟଗୁରୁ ନାମ କୀର୍ତ୍ତନ ଓ ଆସନ ବନ୍ଦ | Jayaguru naama kirtana and closing of aasana |
| 10:20 –10:30 | ଭୋଗ ନିବେଦନ ଓ ପ୍ରସାଦ ସେବନ | Bhoga Nibedana o Prasada Sebana |

## ଗଙ୍ଗଶିଉଳି ମୁଁ ଅନାଇ ରହିଛି

ଗଙ୍ଗଶିଉଳି ମୁଁ ଅନାଇ ରହିଛି
ସଞ୍ଜ ନଇଁଲା ବେଳେ
ପ୍ରିୟତମ ପଥ ଅନାଇ ବସିଛି
ଏଇ ଆସିଯିବ କାଳେ ।୦।

ଅଳୀକ ମହକ ସଉନ୍ଦର୍ଯ୍ୟହୀନ
ଦି-ଦିନର ଏହି ଜୀବନ-ଯୌବନ
ପଲକର ଯେଉଁ ପୁଲକ ଭରିଛି ଢାଳିବି ଚରଣ ତଳେ ।୧।

ଆସିବ ବୋଲି ମୁଁ ଆଗରୁ ଜାଣିଛି
ଚରଣେ ଝରିବି ଆଶା ମୁଁ ବାନ୍ଧିଛି
ଦେହ-ମନ-ପ୍ରାଣ ଅରପିବି ବୋଲି ପ୍ରୀତି-ପ୍ରଦୀପ ମୁଁ ଜାଳେ ।୨।

ଝରିବା ଆଗରୁ ଅନ୍ଧାର ବୁକୁରେ
ଝରି ଲାଗିଥିବ ତୁମ ଶ୍ରୀପଦରେ
ତୁମେ ପରା ପ୍ରିୟ ମୋ ପ୍ରାଣଠାକୁର ରଖ ମୋତେ ପାଦତଳେ ।୩।

## ଝୁଲଣ ପୂର୍ଣ୍ଣିମା ଦିନ ଗୋ

ଝୁଲଣ ପୂର୍ଣ୍ଣିମା ଦିନ ଗୋ - ଆସ ଭାଇ ଭଉଣୀ
ସ୍ମୃତି ବିଜଡିତ ଏ କୁଟୀରେ ବସି କରିବା ଗୁରୁ ବନ୍ଦନା ଗୋ -
ଆସ ଭାଇ ଭଉଣୀ ।୧।
ଧୂପ ଦୀପ ପୁଷ୍ପ ଧର ଗୋ - ଆସ ଭାଇ ଭଉଣୀ
ଜନମ ଦିନରେ ପ୍ରୀତି ଅର୍ଘ୍ୟ ଦେଇ ପୂଜା ବନ୍ଦାପନା କର ଗୋ -
ଆସ ଭାଇ ଭଉଣୀ ।୨।
ଦେହ ମନ ପ୍ରାଣ ଦେଲେ ଗୋ - ଆଜି ଭାଇ ଭଉଣୀ
ବାହିନେବେ ତରି ଭବ ସିନ୍ଧୁ ଜଳେ କୁଳେ ପହଞ୍ଚିବା ଯାଇ ଗୋ -
ଆସ ଭାଇ ଭଉଣୀ ।୩।
ଚରଣେ ଶପଥ ନିଅ ଗୋ - ଆଜି ଭାଇ ଭଉଣୀ
ବାଣୀ ପୂଜା କରି ତୋଷିବା ତାହାଙ୍କୁ ଘୋଷିବା ଗୁରୁ ବନ୍ଦନା ଗୋ -
ଆଜି ଭାଇ ଭଉଣୀ ।୪।
ଜ୍ଞାନ ସୂର୍ଯ୍ୟ ବିଜେ ଆଜି ଗୋ - ଦେଖ ଭାଇ ଭଉଣୀ
ସେ ଅନଳେ ସର୍ବେ ଦିଅ ପୂର୍ଣ୍ଣାହୁତି ବାସନା କାମନା ତେଜି ଗୋ -
ଆସ ଭାଇ ଭଉଣୀ ।୫।
ପୂଜିଲେ ଶ୍ରୀଗୁରୁ ଧନ ଗୋ - ଶୁଣ ଭାଇ ଭଉଣୀ
ଘରେ ଘରେ ସୁଖ ଶାନ୍ତି ବିରାଜିବ ଶୁଚି ଶୁଭ୍ର ହେବ ମନ ଗୋ -
ଶୁଣ ଭାଇ ଭଉଣୀ ।୬।

## ଗୁରୁନାରାୟନ

ଗୁରୁନାରାୟନ କରି ନିବେଦନ
ଥାକେ ଯେନ ମନ ତବ ଶ୍ରୀଚରନେ
ଆମି ଅତି ଦୀନ ଭଜନ ବିହୀନ
କୃପା କର ପ୍ରଭୁ ତବ ନିଜ ଗୁନେ ।୦।

ଯେ ଭାବେ ଯେଖାନେ ଜୀବନେ ମରନେ
ମଜେ ଥାକି ଯେନ ତବ ଗୁନ ଗାନେ
(ତବ) ପ୍ରେମମୟ ମୂରତୀ ଯେନ ନିରବଧି
ଲେଗେ ଥାକେ ଆମାର ଏ ଦୁ'ଟି ନୟନେ ।୧।

(ଆମାର) ଦେହ ମନ ପ୍ରାନ କରି ସମର୍ପନ
ଅବିଚାରେ କରି ଆଦେଶ ପାଲନ
(ତାତେ) ଯାୟ ଯାକ ପ୍ରାନ ଓହେ ଭଗବାନ
(ଯେନ) ଭୁଲିନାଏଁ, ଭୁଲିନାଏଁ, ତୋମାର ହେନ ଧନେ ।୨।

(ସଦା) ତବ ନାମ ଜପି ତବ ରୂପ ଦେଖି
ତୋମାରି ଆନନ୍ଦେ ଆନନ୍ଦିତ ଥାକି
ତୋମାରି ସେବାୟ ଯେନ ଦିନ ଯାଏ
ଅନ୍ୟ ଆଶା ଯେନ ନାଥାକେ ଜୀବନେ ।୩।

## ମିଛେ ମିଛେ ଘୁରି ମରେଁ ମୁଁ ସିନା

ମିଛେ ମିଛେ ଘୁରି ମରେଁ ମୁଁ ସିନା
ଇଚ୍ଛାମୟ ତୁମେ ଯହିଁ ତହିଁ ଥାଅ
ସବୁ ଜାଣୁ ଜାଣୁ ମୁଁ ଯେ ଅଜଣା ।୦।

ଚଉକତି ଖୋଜିବୁଲେ ଦରଶନ ପାଇଁ
ତୁମେ ମୋତେ ଦେଖ ରଖ ବାରି ପାରେ ନାହିଁ
ଅତୁଳନ ସତେ ତୁମ କରୁଣା ।୧।

କୋଟି ଅପରାଧ ମୋର ନ ଧର ଗୋସାଇଁ
କ୍ଷମା କର ହସି ହସି କୋଳରେ ବସାଇ
ସେ ଆଦର କେ କରିବ କଳନା ।୨।

ମଥା ପାତି ନେବି ଯେବେ ଦିଅ ଦୁଃଖ ଭାର
ତେବେ ହେଲେ ନ ଛାଡିବି ସେ ବେନି ପୟର
ଆହା ବୋଲି ସାହା ହେବ ତ ଜଣା ।୩।

## ଅଭୟ ବାଣୀ

କହିଲେ ଠାକୁର ବିଦାୟ ପୂର୍ବରୁ ଶୁଣ ଏ କେତୋଟି ବଚନ
ମୋର ତିରୋଧାନେ ରଖିବ ସ୍ମରଣେ, କରିବ ଯତନେ ସାଧନ
ବତ୍ସ! ଲଙ୍ଘି ଯିବ ବାଧା-ବନ୍ଧନ ।୧।

ପାଳିଲେ ବଚନ, ତୁମକୁ ଜଗତେ ନାହିଁ ଶକ୍ତି ରୋଧ କରିବ
ହେବ ଅଗ୍ରସର ବିଶ୍ୱରାଜପଥେ, କିଏ ବାଧା ଦେଇପାରିବ
ବତ୍ସ! ତୁମ ଆଗେ ସିନା ହାରିବ ।୨।

ହୁଅ ଗୃହବାସୀ ଅଥବା ସନ୍ନ୍ୟାସୀ ନାହିଁ ଏଥି ବାଛବିଚାର
ମହତ ଇଚ୍ଛାକୁ ରୂପ ଦେବାପାଇଁ ଆଶ୍ରୟ ନେଇଛ ମୋହର
ବତ୍ସ! ଏକପଥେ ସଖା ସୋଦର ।୩।

ମୋର ବର୍ତ୍ତମାନେ ଆଦେଶ ପାଳନେ ଦ୍ୱନ୍ଦ ନ ରହିବ କିଞ୍ଚିତେ
ନିଜ ମୁଖେ ମୁହିଁ କରେଁ ଯା ଅନୁସରି ଯିବ ସୁଚିତ୍ତେ
ବତ୍ସ! ଉପଦେଶ ମାନି ନିଶ୍ଚିନ୍ତେ ।୪।

ମୋର ଅନ୍ତର୍ଦ୍ଧାନେ ଅସଲ ପରୀକ୍ଷା ଆରମ୍ଭ ହୋଇବ ସତ୍ୱରେ
ମୋ ଇଚ୍ଛା ସେକାଳେ ପ୍ରେରଣା ରୂପରେ ଫୁଟିବ ବିଶୁଦ୍ଧ ଅନ୍ତରେ
ବତ୍ସ! ନ ଫୁଟିବ ଶୁଦ୍ଧ ନହେଲେ ।୫।

ସଦ୍‌ଗୁରୁ-ଅବ୍ୟକ୍ତ-ଇଚ୍ଛା ସବୁକାଳେ ପ୍ରକାଶ ନିର୍ମଳ ଅନ୍ତରେ
ରୂପାୟିତ ଯେବେ କରିବ ସେ ଇଚ୍ଛା ସଂଘବଦ୍ଧ ହୁଅ ସକଳେ
ବତ୍ସ! ଅଧିକ ସଂହତ ଭାବରେ ।୬।

ଆପ୍ରାଣ ଚେଷ୍ଟାରେ ରୂପ ଦେବାପାଇଁ ମୋ ଇଚ୍ଛା ବ୍ୟକତ ଅବ୍ୟକ୍ତ
ଲାଗିଯିବ ଯେହୁ ଶିଷ୍ୟ ମୋର ସେହୁ ସେହି ପ୍ରେମିକ ଭକତ
ବତ୍ସ! ସୁଖପାଏ ମୋତେ ପ୍ରକୃତ ।୭।

କହେ ବାରମ୍ବାର ମୋ ଇଚ୍ଛା ତାହାର ଅନ୍ତରେ ବିକଶି ଉଠିବ
ଅକୃତ୍ରିମ ପ୍ରେମବଳେ ସେ ହୃଦୟ ଶତଦଳ ରୂପେ ଫୁଟିବ
ବତ୍ସ! ପରାଣ-ଅଶାନ୍ତି ତୁଟିବ ।୮।

ଯେତେଦିନ ଥିବି ସ୍ଥୂଳଦେହ ଧରି ମୁଖ ନିର୍ଦ୍ଦେଶକୁ ମାନିବ
ଅନ୍ତର୍ଦ୍ଧାନ ପରେ ବୁକୁ-ଭାଷା ମୋର ବୁଝିବାକୁ କ୍ଷମ ହୋଇବ
ବତ୍ସ! ଅନ୍ତର ପେରଣା ପାଇବ ।୯।

## ଅଭୟ ବାଣୀ

ଚିତ୍ତ ଶୁଦ୍ଧ କର ଅଭାବେ ତାହାର ମୋ ଇଚ୍ଛା ବିକୃତ ରୂପରେ
ଦେଖାଦେବ ସିନା, ବୁଝିବାକୁ ହେଲେ ସମାହିତ ହୁଅ ଅନ୍ତରେ
ବତ୍ସ! ଗଭୀରୁଁ ଅଧିକ ଗଭୀରେ ।୧୦।

ଚିତ୍ତଶୁଦ୍ଧି ପାଇଁ ଏକଦିଗେ ସର୍ବେ କର ଧ୍ୟାନ ଅବଲମ୍ବନ
ଗୁଣକ୍ଷୟ ପାଇଁ ଅପର ଦିଗରେ ଆଚର ନିଷ୍କାମ କରମ
ବତ୍ସ! ସମଭାବେ ଦୁଇ ସାଧନ ।୧୧।

ତେବେ ସିନା ମୋତେ ଲଭିବ ପ୍ରକୃତେ ଫୁଟିବ ପ୍ରେରଣା ରୂପରେ
ଅନ୍ତରେ ପାଇବା ଅସଲ ପ୍ରାପତି ବୁଝିବ ସେକାଳେ ସକଳେ
ବତ୍ସ! କେଭେଁ ନ କାନ୍ଦିବ ବିକଳେ ।୧୨।

ଅଛି ଚିରକାଳ ଥିବି ଚିରକାଳ ସନ୍ଦେହ ତିଳେ ଯେ କରିବ
ଅସ୍ତିତ୍ୱରେ ମୋର ନାହିଁ ତ ବିଶ୍ୱାସ ଝୁରି ଝୁରି କାନ୍ଦି ମରିବ
ବତ୍ସ! ବିଫଳେ ଜୀବନ ହାରିବ ।୧୩।

ଏହି ଦେହକାଳେ ଦେଖୁଛ ସକଳେ ରହିଛି ବାହାରେ ତୁମର
ରକ୍ଷା କଲେ ଦେହ ସକଳ ହୃଦୟ ହେବ ମୋ ଆସନ ମନ୍ଦିର
ବତ୍ସ! ଦେବତା ଆସନ ରୁଚିର ।୧୪।

## ହେ ନିଗମାନନ୍ଦ ମୋର ପରାଣ ଠାକୁର

ହେ ନିଗମାନନ୍ଦ ମୋର ପରାଣ ଠାକୁର
ଦିବାନିଶି ସୁମରଇ ନାମଟି ତୁମର ।୦।

ଅପରୂପ ରୂପ ଶିରୀ ଦେଖଇ ଆନନ୍ଦ ଭରି
ସେହି ଛବି ଚିତ୍ତାକାଶେ ଭାସଇ ମୋହର ।୧।

ତୁମରି ଅଭୟ ବାଣୀ ଦିଏ ସୁଧାଧାର ବୁଣି
ମୃତ ପରାଣରେ ଚିର ଅମୃତ ପ୍ରକାର ।୨।

ଘେନ ପ୍ରଣତି ମୋହର ସକଳ ସନ୍ତାପ ହର
ଜୟଗୁରୁ ଜୟଗୁରୁ କଣ୍ଠ ଗାଉ ମୋର ।୩।